DCB BANK

**ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ଲିକେସନ୍ |**
**ବାରମ୍ବାର ପଚରାଯାଉଥିବା ପ୍ରଶ୍ନଗୁଡିକ (FAQ)**

1) **ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ କଣ? ମୁଁ କାହିଁକି ଏଥିପାଇଁ ଆବେଦନ କରିବି?**
ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ସୁବିଧା ଆପଣଙ୍କ ମୋବାଇଲ୍ ଫୋନ୍ କିମ୍ବା ଟ୍ୟାବ୍ ଜରିଆରେ ଯେ କୌଣସି ସମୟରେ ଯେ କୌଣସି ସ୍ଥାନରେ ବ୍ୟାଙ୍କିଙ୍ଗ୍ କରିବାକୁ ସକ୍ଷମ କରିଥାଏ. ସେଭିଙ୍ଗସ୍ ବ୍ୟାଙ୍କ ଏକାଉଣ୍ଟ, କରେଣ୍ଟ ଏକାଉଣ୍ଟ, ତୁରନ୍ତ ଫଣ୍ଡ ଟ୍ରାନ୍ସଫର, ଏକାଉଣ୍ଟ ଟ୍ରାଞ୍ଜାକ୍ସନ ଦେଖିବା, ନୂଆ ଚେକ୍ ବୁକ୍ ପାଇଁ ଅନୁରୋଧ କରିବା ଏବଂ ଚେକ୍ ଅନୁରୋଧ ବନ୍ଦ କରିବା ପାଇଁ ତୁରନ୍ତ ଆକ୍ସେସ ସହିତ ବ୍ୟାଙ୍କିଙ୍ଗ ର ଆନନ୍ଦ ନିଅନ୍ତୁ.

2) **ମୁଁ ଆପ୍ କିପରି ପାଇବି?**
ପ୍ଲେଷ୍ଟୋର୍ କିମ୍ବା ଆପ୍ ଷ୍ଟୋର୍ ରୁ ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ଇନଷ୍ଟଲ୍ କରନ୍ତୁ. ଆପଣଙ୍କର ଡିସିବି ଡେବିଟ୍ କାର୍ଡ କିମ୍ବା ଡିସିବି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଲଗ-ଇନ୍ ବିବରଣୀ କିମ୍ବା ଅସ୍ଥାୟୀ ପିନ୍ ଜରିଆରେ ଆପ୍ ରେ ପଞ୍ଜିକରଣ କରନ୍ତୁ.

3) **ଏଥିପାଇଁ ମୁଁ କିପରି ପଞ୍ଜିକରଣ କରିପାରିବି??**
ଆପଣ ଡିସିବି ଡେବିଟ୍ କାର୍ଡ କିମ୍ବା ଡିସିବି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବିବରଣୀ କିମ୍ବା ଅସ୍ଥାୟୀ ପିନ୍ ବ୍ୟବହାର କରି ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ରେ ତୁରନ୍ତ ପଞ୍ଜିକରଣ କରିପାରିବେ.

4) ଅସ୍ଥାୟୀ ପିନ୍ କଣ?
ଯେଉଁ ଗ୍ରାହକମାନେ ଡିସିବି ବ୍ୟାଙ୍କରୁ ଡିସିବି ଡେବିଟ୍ କାର୍ଡ କିମ୍ବା ଡିସିବି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଲଗ୍-ଇନ୍ ପାଇ ନାହାଁନ୍ତି, ସେମାନେ ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗ ନିମନ୍ତେ ପଞ୍ଜିକରଣ କରିବା ପାଇଁ ଏକ ସ୍ୱାକ୍ଷରିତ ହୋଇଥିବା ଗ୍ରାହକ ଅନୁରୋଧ ଫର୍ମ ଦାଖଲ କରିପାରିବେ. ଦୟାକରି ଏଥିପାଇଁ ଯେ କୌଣସି ଡିସିବି ବ୍ୟାଙ୍କ ଶାଖାକୁ ଯାଆନ୍ତୁ. ବ୍ୟାଙ୍କ 4 ରୁ 7 କାର୍ଯ୍ୟଦିବସ ମଧରେ ପଞ୍ଜିକୃତ ମୋବାଇଲ୍ ନମ୍ବର ଏବଂ ଇମେଲ୍ କୁ ଏକ ଅସ୍ଥାୟୀ ପିନ୍ ପଠାଇବ

5) **ଏମ୍-ପିନ୍ କଣ?**
ଏମ୍-ପିନ୍ ହେଉଛି ଏକ ପିନ୍ ଯାହାକୁ ମୋବାଇଲ୍ ବ୍ୟାଙ୍କିଙ୍ଗ ଜରିଆରେ ଆପଣଙ୍କର ଡିସିବି ବ୍ୟାଙ୍କ ଏକାଉଣ୍ଟକୁ ଆକ୍ସେସ୍ କରିବା ପାଇଁ ବ୍ୟବହାର କରାଯାଏ

6) **ଯଦି ମୁଁ ମୋର ଏମ୍-ପିନ୍ ଭୁଲିଯାଏ କିମ୍ବା ୟୁଜର ଆଇଡି ଲକ୍ ହୋଇଯାଏ ତେବେ କଣ ହେବ?**
ଆପ୍ ରେ ଏମ୍-ପିନ୍ ଭୁଲିଯାଇଛି/ ନୂଆ ୟୁଜର ବିକଳ୍ପ ବ୍ୟବହାର କରି ମୋବାଇଲ୍ ବ୍ୟାଙ୍କିଙ୍ଗ ପାଇଁ ଆପଣ ନିଜକୁ ପୁଣି ଥରେ ପଞ୍ଜିକରଣ କରିପାରିବେ. ଏକ ନୂଆ ଏମ୍-ପିନ୍ ତିଆରି କରିବା ପାଇଁ ଆପଣଙ୍କର ଡିସିବି ଡେବିଟ୍ କାର୍ଡ କିମ୍ବା ଡିସିବି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବିବରଣୀ ବ୍ୟବହାର କରନ୍ତୁ.

7) **ମୁଁ ବର୍ତ୍ତମାନ ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ବ୍ୟବହାର କରିବା ଆରମ୍ଭ କରିପାରିବି କି?**
ହଁ

8) **ଯଦି ଏମ୍-ପିନ୍ କିମ୍ବା ପଞ୍ଜିକରଣ ହୋଇନଥାଏ ତେବେ ମୁଁ କଣ କରିବି?**
ଦୟାକରି ଡିସିବି କଷ୍ଟମର୍ କେୟାର୍ ସହିତ ଯୋଗାଯୋଗ କରନ୍ତୁ, ଯାହାକି 8 am – 8pm IST ପର୍ଯ୍ୟନ୍ତ ଉପଲବ୍ଧ ଥାଏ .
ଏହା ସହିତ ଡିସିବି କାର୍ଡ ଗ୍ରାହକମାନେ ଜରୁରୀକାଳୀନ ସେବା ପାଇଁ 24x7 ଡିସିବି ଗ୍ରାହକ ସେବା ଆକ୍ସେସ୍ କରିପାରିବେ.
ରେସିଡେଣ୍ଟ ଇଣ୍ଡିଆନ୍ସ ଡିସିବି କଷ୍ଟମର କେୟାର ସହିତ ଯୋଗାଯୋଗ କରିପାରିବେ: 022-68997777 କିମ୍ବା 040-68157777
ଏନଆରଆଇ ଗ୍ରାହକମାନେ ଦୟାକରି ଯୋଗାଯୋଗ କରନ୍ତୁ + 91 22 61 271000

**9) ମୋବାଇଲ୍ ବ୍ୟାଙ୍କିଙ୍ଗ ପାଇଁ ମୁଁ ମୋର ଏମ୍-ପିନ୍ ବଦଳାଇପାରିବି କି?**
ହଁ, ଥରେ ଆକ୍ଟିଭେଟ୍ ହୋଇଯିବା ପରେ ଆପଣ ଏମ୍-ପିନ୍ ବଦଳାଇପାରିବେ.

**10) ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗରେ ମୁଁ କେଉଁ ସେବାଗୁଡ଼ିକୁ ବ୍ୟବହାର କରିପାରିବି?**
* ଏକାଉଣ୍ଟ ସାରାଂଶ
* ପ୍ରଶ୍ନ ପଚାରନ୍ତୁ
* ଏକାଉଣ୍ଟ ବାଲାନ୍ସ
* ଫିକ୍ସଡ୍ ଡିପୋଜିଟ୍ ର ବିବରଣୀ
* ମିନି ଷ୍ଟେଟମେଣ୍ଟ (ଶେଷ 10 ଟ୍ରାଞ୍ଜାକ୍ସନ ପାଇଁ)
* ପାସବୁକ୍ ଷ୍ଟେଟମେଣ୍ଟ (ଗତ 1 ମାସରେ କରାଯାଇଥିବା ସମସ୍ତ ଟ୍ରାଞ୍ଜାକ୍ସନ୍)
* ଫିକ୍ସଡ୍ ଡିପୋଜିଟ୍ ବୁକ୍ କରନ୍ତୁ
* ପ୍ରାପ୍ତକର୍ତ୍ତା ପ୍ରବନ୍ଧନ କରନ୍ତୁ
* ଫଣ୍ଡ ଟ୍ରାନ୍ସଫର
* ଆପଣଙ୍କର ଡିସିବି ବ୍ୟାଙ୍କ ଏକାଉଣ୍ଟ ମଧ୍ୟରେ
* ଅନ୍ୟ ଡିସିବି ବ୍ୟାଙ୍କ ଏକାଉଣ୍ଟ ହୋଲ୍ଡରଙ୍କୁ
* ଆଇଏମପିଏସ (ବେନିଫିସିଆରୀ ଏକାଉଣ୍ଟ ନମ୍ବର ଏବଂ ଆଇଏଫଏସସି ବ୍ୟବହାର କରି)
* ଏନଇଏଫଟି
* ବିଲ୍ ପେମେଣ୍ଟ
* ବିଲର୍ ଯୋଡ଼ନ୍ତୁ ଏବଂ ଡିଲିଟ୍ କରନ୍ତୁ
* ୟୁଟିଲିଟି ବିଲ୍ ପେମେଣ୍ଟ କରନ୍ତୁ
* କାର୍ଡ
* ଅସ୍ଥାୟୀ ବ୍ଲକ୍ କରନ୍ତୁ ଏବଂ ଅନବ୍ଲକ୍ କରନ୍ତୁ
* ଇଣ୍ଟରନେଶନାଲ୍ ଏବଂ ଡୋମେଷ୍ଟିକ୍ ଟ୍ରାଞ୍ଜାକ୍ସନ୍ ମ୍ୟାନେଜ୍ କରନ୍ତୁ
* କାର୍ଡ ଲିମିଟ୍ ମ୍ୟାନେଜ୍ କରନ୍ତୁ
* ପିନ୍ ଜେନେରେଟ୍ କରନ୍ତୁ
* ସୁନା ଋଣ
* ଅନୁରୋଧ
* ଚେକ୍ ବୁକ୍
* ଚେକ୍ ଅଟକାନ୍ତୁ
* ସୁଧ ପ୍ରମାଣପତ୍ର
* ଏମ୍-ପିନ୍ ବଦଳାନ୍ତୁ
* ଏଟିଏମ୍ ଏବଂ ବ୍ରାଞ୍ଚ ଲୋକେଟର
* ଆମ ସହିତ ଯୋଗାଯୋଗ କରନ୍ତୁ

**11) ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗରେ କେଉଁ ପ୍ରକାରର ଏକାଉଣ୍ଟ ଉପଲବ୍ଧ ଅଛି?**
ଏହା ନିମ୍ନଲିଖିତ ପ୍ରକାରର ଏକାଉଣ୍ଟକୁ ସପୋର୍ଟ କରିଥାଏ:
ସେଭିଙ୍ଗସ୍ ଏକାଉଣ୍ଟ
କରେଣ୍ଟ ଏକାଉଣ୍ଟ
ଓଭରଡ୍ରାଫ୍ଟ ଏକାଉଣ୍ଟ
କ୍ୟାଶ୍ କ୍ରେଡିଟ୍ ଏକାଉଣ୍ଟ
ଫିକ୍ସଡ୍ ଡିପୋଜିଟ୍ (ଏକାଉଣ୍ଟ ସାରାଂଶ, ବାଲାନ୍ସ ଇନକ୍ୱାରି ଏବଂ ଫିକ୍ସଡ୍ ଡିପୋଜିଟ୍ ଟ୍ରାକ୍ କରିବା)

**12) ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ମୋବାଇଲ୍ ଆଲର୍ଟରୁ ଭିନ୍ନ ଅଟେ କି?**

DCB BANK

ହଁ ନିଶ୍ଚୟ! ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଆପଣଙ୍କୁ ମୋବାଇଲ୍ ଆଲର୍ଟ ଠାରୁ ଅଧିକ ସୁବିଧା ପ୍ରଦାନ କରିଥାଏ. ଆରମ୍ଭ କରିବା ପାଇଁ ଆପଣ ଟଙ୍କା ପଠାଇ ପାରିବେ ଓ ପ୍ରାପ୍ତ କରିପାରିବେ; ଏହା ବ୍ୟାଙ୍କିଙ୍ଗ ପାଇଁ ଏକ ଭିନ୍ନ ଉପାୟ ଅଟେ. ମୋବାଇଲ୍ ଆଲର୍ଟ ହେଉଛି ଏକ ଏସଏମଏସ ସେବା ଯେଉଁଠାରେ ଡିସିବି ବ୍ୟାଙ୍କ ଆପଣଙ୍କୁ ଏକାଉଣ୍ଟ ଆକ୍ଟିଭିଟି ଉପରେ ଅପଡେଟ୍ କରିଥାଏ. ଯେତେବେଳେ ଆପଣଙ୍କ ଏକାଉଣ୍ଟରେ କିଛି ଘଟିଥାଏ, ଏହି ଟେକ୍ସଟ୍ ମେସେଜ୍ ଆପଣଙ୍କୁ ପଠାଯାଇଥାଏ.

13) **ମୋର ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଆବଶ୍ୟକ ଅଟେ କି?**
ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଶାଖାକୁ ଯିବା ଅପେକ୍ଷା ଏକ ଦ୍ରୁତ ଓ ସୁବିଧାଜନକ ବିକଳ୍ପ ଅଟେ. ଆପଣ ନିଜର ମୋବାଇଲ୍ ଫୋନ୍ କିମ୍ବା ଟ୍ୟାବ୍ ରୁ ସିଧାସଳଖ ପ୍ରାଥମିକ ବ୍ୟାଙ୍କିଙ୍ଗ କାର୍ଯ୍ୟକଳାପ କରିପାରିବେ. ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଜିଏସଏମ ମୋବାଇଲ୍ ଫୋନ୍ ସହିତ ସୁସଙ୍ଗତ ଅଟେ ଏବଂ ଜିପିଆରଏସ ଚ୍ୟାନେଲ୍ ରେ କାମ କରିଥାଏ.

14) **ମୁଁ ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ସୁବିଧା ପାଇପାରିବି କି?**
ହଁ, ଆପଣ ବିଦେଶ ଯାତ୍ରା କରୁଥିବା ସମୟରେ ଏହି ସେବାକୁ ଆକ୍ସେସ୍ କରିପାରିବେ.

15) **ମୁଁ ଡିସିବି ବ୍ୟାଙ୍କର ଜଣେ ଗ୍ରାହକ ନୁହେଁ, ତଥାପି ମୁଁ ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଚାହେଁ.**
ଅତି ଉତ୍ତମ! ସେବା ପାଇବା ପାଇଁ ଆପଣଙ୍କର ଡିସିବି ବ୍ୟାଙ୍କରେ ଏକ ଏକାଉଣ୍ଟ ରହିବା ଆବଶ୍ୟକ. ଆମ ସହ ବ୍ୟାଙ୍କିଙ୍ଗ ଆରମ୍ଭ କରିବା ପାଇଁ ଆପଣଙ୍କ ପାଇଁ ଆବଶ୍ୟକ ଡକୁମେଣ୍ଟ ଓ ମାନଦଣ୍ଡ ବାବଦରେ ବର୍ଣ୍ଣନା କରି ଆମେ ଆନନ୍ଦିତ ହେବୁ.

16) **ଆପଣ ଏହି ସେବା ପାଇଁ ଶୁଳ୍କ ନେଉଛନ୍ତି କି?**
ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ସେବା ବର୍ତ୍ତମାନ ଡିସିବି ବ୍ୟାଙ୍କ ଗ୍ରାହକମାନଙ୍କୁ ମାଗଣାରେ ପ୍ରଦାନ କରାଯାଇଛି.

17) **ମୁଁ ତୁରନ୍ତ ଟଙ୍କା ଟ୍ରାନ୍ସଫର କରିପାରିବି କି?**
ଆଇଏମପିଏସ ଜରିଆରେ, ଫଣ୍ଡ ତୁରନ୍ତ ଟ୍ରାନ୍ସଫର ହୋଇପାରିବ. ଡିସିବି ବ୍ୟାଙ୍କ ଏକାଉଣ୍ଟ କିମ୍ବା ନନ୍-ଡିସିବି ବ୍ୟାଙ୍କ ଏକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରନ୍ତୁ. ଏନଆରଆଇ ଗ୍ରାହକଙ୍କ ପାଇଁ ଆଇଏମପିଏସ ସୁବିଧା ଲାଗୁ ହୁଏ ନାହିଁ.

18) **ଆର୍ଥିକ କାରବାର ଉପରେ କୌଣସି ସୀମା ଅଛି କି?**
ହଁ, ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ ଫଣ୍ଡ ଟ୍ରାନ୍ସଫର ପାଇଁ ପ୍ରତି ଦିନର ସୀମା ହେଉଛି ₹ 5,00,000. ଡିସିବି ବ୍ୟାଙ୍କ ଲିମିଟେଡ୍ ନିଜର ବିବେକ ଅନୁସାରେ ସୀମା ବୃଦ୍ଧି କିମ୍ବା ହ୍ରାସ କରିପାରେ.

19) **ମୁଁ ବିଦେଶରେ ଥିବା ସମୟରେ ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗକୁ ଆକ୍ସେସ୍ କରିପାରିବି କି?**
ହଁ, ଆପଣ ବିଦେଶ ଯାତ୍ରା କରୁଥିବା ସମୟରେ ଏହି ସେବାକୁ ଆକ୍ସେସ୍ କରିପାରିବେ.

20) **ଯଦି ମୁଁ ମୋର ମୋବାଇଲ୍ ଫୋନ୍ ନମ୍ବର ବଦଳେଇବି ତେବେ ଏହା ଠିକ୍ ରହିବ କି?**
ଯଦି ଆପଣଙ୍କର ମୋବାଇଲ୍ ନମ୍ବର ବଦଳି ଯାଇଛି, ତେବେ ଡିସିବି ବ୍ୟାଙ୍କକୁ ତୁରନ୍ତ ଜଣାନ୍ତୁ. ଆପଣଙ୍କୁ ଏକ ନୂଆ ମୋବାଇଲ୍ ନମ୍ବର ଅପଡେଟ୍ ଅନୁରୋଧ ଦାଖଲ କରିବାକୁ ହେବ.

21) **ଫଣ୍ଡ ଟ୍ରାନ୍ସଫର ପାଇଁ ଜଣେ ବେନିଫିସିଆରୀଙ୍କୁ ଯୋଡ଼ିବା/ ତିଆରି କରିବା ସମୟରେ ମୁଁ ନିକନେମ୍ କୁ କିପରି ବ୍ୟବହାର କରିପାରିବି?**

ଟ୍ରାଞ୍ଜାକ୍ସନକୁ ସହଜ କରିବା ପାଇଁ, ଆପଣ ଯୋଡ଼ିଥିବା ଯେ କୌଣସି ବେନିଫିସିଆରୀଙ୍କୁ 'ନିକନେମ୍ ଯୋଡ଼ନ୍ତୁ' ସହିତ ନାମ ପ୍ରଦାନ କରିପାରିବେ. ନିକନେମ୍ ଆଲଫାନ୍ୟୁମେରିକ୍ ହୋଇପାରେ ଏବଂ 6 କ୍ୟାରେକ୍ଟର ପର୍ଯ୍ୟନ୍ତ ସ୍ପେଶିଆଲ୍ କ୍ୟାରେକ୍ଟର ମଧ୍ୟ ବ୍ୟବହାର କରାଯାଇପାରିବ.

**22) ମୋ ମୋବାଇଲ୍ ଫୋନ୍ ରେ ଇଣ୍ଟରନେଟ୍ ଆକ୍ସେସ୍ ଅଛି କି ନାହିଁ ତାହା ମୁଁ କିପରି ଜାଣିପାରିବି?**

ଆପଣଙ୍କ ଫୋନ୍ ରେ ଇଣ୍ଟରନେଟ୍ କିମ୍ବା ଡାଟା ସର୍ଭିସ୍ ଆକ୍ସେସ୍ ଥିବାର କନଫର୍ମ କରିବା ପାଇଁ ଆପଣଙ୍କ ମୋବାଇଲ୍ ସର୍ଭିସ୍ ପ୍ରୋଭାଇଡରଙ୍କ ସହ ଯୋଗାଯୋଗ କରନ୍ତୁ. ଆପଣଙ୍କର ସର୍ଭିସ୍ ପ୍ରୋଭାଇଡର୍ ସେବା ପାଇଁ ଏକ ଦେୟ ଲାଗୁ କରିପାରନ୍ତି; ଆପଣ ଫିସ୍ ଏବଂ ଚାର୍ଜ ବାବଦରେ ବିବରଣୀ ମାଗିବାକୁ ସୁନିଶ୍ଚିତ କରନ୍ତୁ.

**23) ଯଦି ଟ୍ରାଞ୍ଜାକ୍ସନ ସମୟରେ ମୋ ଫୋନ୍ ଡିସକନେକ୍ଟ/ ସ୍ୱିଚ୍ ଅଫ୍ ହୋଇଯାଏ/ ବ୍ୟାଟେରୀ ସରିଯାଏ ତେବେ କଣ ହେବ?**

ଆପଣ ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗରେ ପୁଣି ଥରେ ଲଗ-ଇନ୍ କରିପାରିବେ ଏବଂ ଟ୍ରାଞ୍ଜାକ୍ସନ୍ ହୋଇଛି କି ନାହିଁ ତାହା ଦେଖିବା ପାଇଁ ନିଜର ଟ୍ରାଞ୍ଜାକ୍ସନ୍ ହିଷ୍ଟ୍ରି ଭେରିଫାଏ କରିପାରିବେ. ଯଦି ଟ୍ରାଞ୍ଜାକ୍ସନ୍ ହୋଇନାହିଁ, ତେବେ ଆପଣ ପୁଣି ଥରେ ଚେଷ୍ଟା କରିପାରିବେ.

**24) ଯଦି ଟ୍ରାଞ୍ଜାକ୍ସନ୍ କରିବା ସମୟରେ ମୋ ପାଖକୁ ଏକ ଏସଏମଏସ କିମ୍ବା କଲ୍ ଆସେ ତେବେ କଣ ହେବ?**

ଅଧିକାଂଶ ହ୍ୟାଣ୍ଡସେଟ୍ ରେ, ମୋବାଇଲ୍ ବ୍ୟାଙ୍କିଙ୍ଗ୍ ବ୍ୟାକଗ୍ରାଉଣ୍ଡରେ ଚାଲୁ ରହିଥିବା ସମୟରେ ଆପଣ କଲ୍ ର ଉତ୍ତର ଦେଇପାରିବେ କିମ୍ବା ଏସଏମଏସ ପଢ଼ିପାରିବେ. ଆପଣ ନିଜର କଲ୍ ଶେଷ କରିବା ପରେ, ଆପଣ ବ୍ୟାଙ୍କିଙ୍ଗ ପୁଣି ଥରେ ଆରମ୍ଭ କରିପାରିବେ. କିଛି ନିର୍ଦ୍ଦିଷ୍ଟ ହ୍ୟାଣ୍ଡସେଟ୍ ପାଇଁ, ଆପଣଙ୍କୁ ପୁଣି ଥରେ ଲଗ-ଇନ୍ କରିବାକୁ ପଡ଼ିପାରେ.

**25) ଯଦି ମୁଁ ମୋର ମୋବାଇଲ୍ ଫୋନ୍ ବଦଳାଉଛି ତେବେ କଣ ହେବ?**

ଯଦି ଆପଣ ନିଜର ମୋବାଇଲ୍ ଫୋନ୍ ବଦଳାନ୍ତି, ତେବେ ନୂଆ ହ୍ୟାଣ୍ଡସେଟ୍ ରେ କେବଳ ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଇନଷ୍ଟଲ୍ କରନ୍ତୁ ଏବଂ 'ନୂଆ ୟୁଜର ଏବଂ ନୂଆ ଡିଭାଇସ୍' ଉପରେ କ୍ଲିକ୍ କରନ୍ତୁ ଏବଂ ପୁଣିଥରେ ପଞ୍ଜିକରଣ କରନ୍ତୁ.

**26) ଯଦି ମୁଁ ମୋର ମୋବାଇଲ୍ ଫୋନ୍ ନମ୍ବର ବଦଳାଇବି ତେବେ କଣ ହେବ?**

ଦୟାକରି ଆପଣ ନିଜର ମୋବାଇଲ୍ ନମ୍ବର ବଦଳାଇବା ମାତ୍ରେ କଲ୍ କରନ୍ତୁ. ଡିସିବି ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ବ୍ୟବହାର କରିବା ପାଇଁ ଆପଣଙ୍କର ନୂଆ ମୋବାଇଲ୍ ନମ୍ବର ବ୍ୟାଙ୍କରେ ପଞ୍ଜିକୃତ ହେବା ଉଚିତ. ଆପଣ ନିକଟତମ ଡିସିବି ବ୍ୟାଙ୍କ ଶାଖାକୁ ଯାଇ ନିଜର ନୂଆ ମୋବାଇଲ୍ ନମ୍ବର ପଞ୍ଜିକରଣ କିମ୍ବା ଅପଡେଟ୍ କରିପାରିବେ.

**27) ମୁଁ ମୋର ଏମ୍-ପିନ୍ ଭୁଲିଯାଇଛି.**

ଏମ୍-ପିନ୍ ଭରିବା ପାଇଁ ଆପଣଙ୍କୁ 3 ଥର ଚେଷ୍ଟା କରିବାକୁ ଅନୁମତି ଦିଆଯାଇଛି ଯାହା ପରେ ଏହା ଲକ୍ ହୋଇଯିବ. ଏହା ଅନେକ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ. ଆପଣ ନିଜର ଡିସିବି ଡେବିଟ୍ କାର୍ଡ କିମ୍ବା ଡିସିବି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବିବରଣୀ ବ୍ୟବହାର କରି ନିଜର ଏମପିନ୍ କୁ ରିସେଟ୍ କରିବା ପାଇଁ ଏମ୍-ପିନ୍ ଭୁଲିଯାଇଛନ୍ତି ବିକଳ୍ପକୁ ବ୍ୟବହାର କରିପାରିବେ.

**28) ଜିପିଆରଏସ ଚ୍ୟାନେଲ୍ ଜରିଆରେ ଡିସିବି ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ କଣ ଅଟେ?**

ଜେନେରାଲ୍ ପ୍ୟାକେଟ୍ ରେଡିଓ ସର୍ଭିସ୍ (ଜିପିଆରଏସ) ହେଉଛି ଏକ ନୂଆ ନନ୍-ଭଏସ୍ ଭ୍ୟାଲୁ ଆଡେଡ୍ ସେବା ଯାହା ଜରିଆରେ ମୋବାଇଲ୍ କିମ୍ବା ଟ୍ୟାବ୍ ରେ ଏକ ଇଣ୍ଟରନେଟ୍ ପ୍ରୋଟୋକଲ୍ (ଆଇପି) ଆଧାରିତ ନେଟୱର୍କ ରେ ଡାଟା ପଠାଇହୁଏ ଏବଂ ପ୍ରାପ୍ତ କରିହୁଏ. ଜିପିଆରଏସ ହେଉଛି ଏକ ଡାଟା ବିଅରର୍ ଯାହା ଜରିଆରେ ଡାଟା ନେଟୱର୍କକୁ ୱାୟରଲେସ୍ ଭାବରେ ଆକ୍ସେସ୍ କରିହୁଏ, ଯଥା ଇଣ୍ଟରନେଟ୍, ଯାହା ବ୍ୟବହାରକାରୀମାନଙ୍କୁ ମୋବାଇଲ୍ ଫୋନ୍ ଜରିଆରେ ଇମେଲ୍ ଏବଂ ଅନ୍ୟାନ୍ୟ ଇଣ୍ଟରନେଟ୍ ଆପ୍ଲିକେସନ୍ କୁ ଆକ୍ସେସ୍ କରିବାରେ ସାହାଯ୍ୟ କରେ. ଜିପିଆରଏସ ଜରିଆରେ ଗ୍ରାହକମାନେ ଡାଟା ନେଟୱର୍କ (ଇଣ୍ଟରନେଟ୍) ସହିତ ନିରନ୍ତର

ୱାୟରଲେସ୍ କନେକ୍ସନ୍ ର ଆନନ୍ଦ ନିଅନ୍ତି ଏବଂ ସେମାନଙ୍କର ପ୍ରିୟ ୱେବସାଇଟ୍, ମନୋରଞ୍ଜନ ସେବା ଏବଂ ଅନ୍ୟାନ୍ୟ ୱେବ ଆପ୍ଲିକେସନ୍ କୁ ଆକ୍ସେସ୍ କରନ୍ତି.

**29) ମୋ ଦ୍ୱାରା କରାଯାଇଥିବା ଠକ କାରବାର ବିଷୟରେ ମୁଁ କିପରି ରିପୋର୍ଟ କରିବି?**

ଅନଧିକୃତ DCB ମୋବାଇଲ୍ ବ୍ୟାଙ୍କିଙ୍ଗ୍ / ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ କାରବାର ବିଷୟରେ ରିପୋର୍ଟ କରିବାକୁ ନିମ୍ନରେ ପଦକ୍ଷେପଗୁଡିକ ଅନୁସରଣ କରନ୍ତୁ ।
ଦୟାକରି DCB ବ୍ୟାଙ୍କ ମୋବାଇଲ୍ ବ୍ୟାଙ୍କିଙ୍ଗ୍> ‘କରଣଥୁ କରନ୍ତୁ’ > ‘ ସ୍ଥାନାନ୍ତର ଇତିହାସ’ କ୍ଲିକ୍ କରନ୍ତୁ ।
ଟୋକାମି ବାବାଡାରେ ରିପୋର୍ଟ କରନ୍ତୁ

ନିର୍ଦ୍ଦିଷ୍ଟ କାରବାର / ଗୁଡିକ ଚୟନ କରନ୍ତୁ ଯାହା ଆପଣ ନିଶ୍ଚିତ ଯେ ଠକ ଏବଂ ‘ରିପୋର୍ଟ ଜାଲିଆତି’ କ୍ଲିକ୍ କରନ୍ତୁ

**30) ମୋର ଏକ ପ୍ରଶ୍ନ ଅଛି, ମୋତେ ସାହାଯ୍ୟ ଆବଶ୍ୟକ, ମୁଁ କଣ କରିବି?**

ଦୟାକରି ଡିସିବି କଷ୍ଟମର୍ କେୟାର୍ ସହିତ 022-6899 7777 କିମ୍ବା 040-6815 7777 ରେ ଯୋଗାଯୋଗ କରନ୍ତୁ କିମ୍ବା customercare@dcbbank.com ରେ ଇମେଲ୍ କରନ୍ତୁ.

**31) ଅଭିଯୋଗ ଦାଖଲ କରିବାର ପ୍ରକ୍ରିୟା କଣ?**

ଡିସିବି ବ୍ୟାଙ୍କ ଅଭିଯୋଗ ସମାଧାନ ନୀତି ଏବଂ ପ୍ରକ୍ରିୟା ଆମର ୱେବସାଇଟ୍ www.dcbbank.com ରେ କଷ୍ଟମର କର୍ନର ବିଭାଗ ଅଧୀନରେ ଉପଲବ୍ଧ ରହିଛି.

*****